# ପ୍ରେସ୍ ମିଟ୍

୧.  ମା' ତାରିଣୀ ମନ୍ଦିରରେ ସରକାରଙ୍କ COVID-19 ନିୟମ ଅନୁଯାୟୀ  ଭକ୍ତଙ୍କ ସାଧାରଣ ଦର୍ଶନ ବିନା ଭୋଗରେ ଚାଲୁରହିଥିଲା । ମାତ୍ର ପର୍ଯ୍ୟଟନ ଋତୁ ଚାଲୁଥିବାରୁ ଭକ୍ତଙ୍କ ଗହଳି ଅଧିକରୁ ଅଧିକତର ହେବାରେ ଲାଗିଛି । ଆଗକୁ ଏକ୍ସ ମାସ ଛୁଟି, ବଡଦିନ ପର୍ବ ଓ ଇଂରାଜୀ ନବ ବର୍ଷ-୨୦୨୨ ପଡୁଥିବାରୁ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ମା' ତାରିଣୀ ମନ୍ଦିରକୁ ବହୁ ଦୂର ଦୂରାନ୍ତରରୁ ମା'ଙ୍କ ଦର୍ଶନ ନିମନ୍ତେ ଛୁଟି ଆସି ଗହଳି ସୃଷ୍ଟି ହେବାର ଦୃଷ୍ଟିରେ ରଖି ଜିଲ୍ଲାପାଳ, କେନ୍ଦୁଝରଙ୍କ ନିର୍ଦ୍ଦେଶକ୍ରମେ ଡିସେମ୍ବର ମାସର **ତା.୨୫.୧୨.୨୦୨୧ରିଖ ଶନିବାର, ତା.୨୬.୧୨.୨୦୨୧ରିଖ ରବିବାର, ତା.୩୧.୧୨.୨୦୨୧ରିଖ ଶୁକ୍ରବାର ବନ୍ଦ ରହିବ ଏବଂ ଜାନୁଆରୀ ମାସର ତା.୦୧.୦୧.୨୦୨୨ରିଖ ଶନିବାର, ତା.୦୨.୦୧.୨୦୨୨ରିଖ ରବିବାର ଭକ୍ତଙ୍କ ସାଧାରଣ ଦର୍ଶନ ବନ୍ଦ ରହିବ ।**

୨.  ଉକ୍ତ ଦିନ ଗୁଡିକରେ ମନ୍ଦିର ପରିସର ଭିତରକୁ କୌଣସି ଭକ୍ତ ପ୍ରବେଶ କରିପାରିବେ ନାହିଁ । ମାତ୍ର ପୂର୍ବରୁ ଯେପରି ଭାବେ ମା'ଙ୍କ ବେଶ, ନୀତିକାନ୍ତି, ସକାଳ ଆଳତୀ, ଅନ୍ନପ୍ରସାଦ ନୀତି, ସନ୍ଧ୍ୟା ଆଳତୀ ଓ ପହଡ ଆଳତୀ ଯଥାରିତି ସଂପାଦନ ହେବ ।

୩. ମନ୍ଦିର ବନ୍ଦ ହେବା ଦିନଗୁଡିକ ବ୍ୟତୀତ ଅନ୍ୟ ଦିନ ମାନଙ୍କରେ ସରକାରଙ୍କ COVID-19 ନିୟମ ଅନୁଯାୟୀ  ମନ୍ଦିରକୁ ଯାଉଥିବା ସମସ୍ତ ଭକ୍ତ ମାସ୍କ ପରିଧାନ କରି ପ୍ରବେଶ କରିବା ବାଧ୍ୟତାମୂଳକ ।

**୪. ମା' ତାରିଣୀ ମନ୍ଦିର ସାଧାରଣ ଦର୍ଶନ ପାଇଁ ସକାଳ ୭ ଘଟିକା ୩୦ମିନିଟ୍ ଠାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଘଟିକା ୩୦ମିନିଟ୍ ପର୍ଯ୍ୟନ୍ତ ଏବଂ ଅପରାହ୍ନ ୩ଘଟିକା ୩୦ମିନିଟ୍ ଠାରୁ  ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ରହିବ ।**

**୫. ମନ୍ଦିର ମଧ୍ୟରେ କୌଣସି ଭୋଗ ଅର୍ଥାତ୍ ନଡିଆ, ପୁଷ୍ପ, ଦୀପ, ଧୂପ, ଭୋଗ ଇତ୍ୟାଦି ଲାଗି କରାଯିବ ନାହିଁ । କେବଳ ଭକ୍ତମାନେ ମା'ଙ୍କ ଦର୍ଶନ କରିପାରିବେ ।**

୬. ମା'ଙ୍କର ସକାଳ ଆଳତୀ, ଅନ୍ନପ୍ରସାଦ ନୀତି, ସନ୍ଧ୍ୟା ଆଳତୀ  ଓ ପହଡ ଆଳତୀରେ କୌଣସି ଭକ୍ତ ଉପସ୍ଥିତ ରହିବେ ନାହିଁ

**୭. ମା' ତାରିଣୀ ମନ୍ଦିରକୁ ୧୦ ବର୍ଷରୁ କମ୍ ବୟସର ପିଲା ପ୍ରବେଶ କରିପାରିବେ ନାହିଁ । ଯଦି ପ୍ରବେଶ କରୁଥିବା ସମୟରେ କୌଣସି ପିଲାର ବୟସ ୧୦ବର୍ଷରୁ କମ୍ ହୋଇଥିବାର ସନ୍ଦେହ ସୃଷ୍ଟି ହୁଏ ତେବେ ଉକ୍ତ ପିଲାର ଆଧାର କାର୍ଡ ଦେଖାଇ ମନ୍ଦିରକୁ ପ୍ରବେଶ କରିବେ ।**

୮. ଚୂଳ ସମର୍ପଣ ନିମନ୍ତେ ସମସ୍ତ ଭକ୍ତ ଗେଟ୍ ନଂ- ୫ରେ ପ୍ରବେଶ କରି ଚୂଳ ସମର୍ପଣ କରିସାରିବା ପରେ ପୁନର୍ବାର ଉକ୍ତ ଗେଟ୍ ଦେଇ ମୁଖ୍ୟ ରାସ୍ତାକୁ ପ୍ରତ୍ୟାବର୍ତ୍ତନ କରିବେ ।

୯. ମା' ତାରିଣୀ ମନ୍ଦିରରେ ପ୍ରସ୍ତୁତ ହେଉଥିବା ଦୈନନ୍ଦିନ ଅନ୍ନପ୍ରସାଦ/ଚକୁଳି ପ୍ରସାଦ ବିକ୍ରି କିମ୍ବା ପାର୍ସଲ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବନ୍ଦ ରହିବ ।

୧୦. ମା' ତାରିଣୀ ମନ୍ଦିରକୁ ପୂଜା ନିମନ୍ତେ ଆସୁଥିବା ଗାଡି ଗୁଡିକ ଗେଟ୍ ନଂ-୫ରେ ପ୍ରବେଶ କରି ଗାଡି ପୂଜା କରିପାରିବେ ।

୧୧. ମା' ତାରିଣୀ ମନ୍ଦିର ପରିସରରେ ଥିବା ସମସ୍ତ ଦୋକାନ ଗୁଡିକ ପରବର୍ତ୍ତୀ  ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବନ୍ଦ ରହିବ ।

21/12/2021

EXECUTIVE OFFICER
MAA TARINI THAKURANI TEMPLE TRUST
GHATGAON, KEONJHAR

21/12/21

PRESIDENT
MAA TARINI THAKURANI TEMPLE TRUST
GHATGAON, KEONJHAR